# NATIONAL NEWS BULLETIN (ODIA)

## 4 June - 2024

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ଲୋକସଭା ନିର୍ବାଚନର ଭୋଟ ଗଣତି ପାଇଁ ସମସ୍ତ ପ୍ରସ୍ତୁତି ଶେଷ, ଆଜି ସକାଳ ୮ଟାରୁ ଗଣତି ଆରମ୍ଭ ।
- ଭୋଟ ଗଣତି ଫଳାଫଳ ସମ୍ପର୍କିତ ସୂଚନା ଦେବା ଲାଗି ଆକାଶବାଣୀ ସମାଚାର ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ।
- ୮କୋଟି ୪୦ଲକ୍ଷ ଟନ୍‌ରେ ପହଞ୍ଚିଲା ଦେଶରେ କୋଇଲା ଉତ୍ପାଦନ ।
- ଆସାମରେ ବନ୍ୟା ପରିସ୍ଥିତି ଉଦ୍‌ବେଗଜନକ, ମୃତ୍ୟୁ ସଂଖ୍ୟା ୧୮କୁ ବୃଦ୍ଧି ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ର ପ୍ରତ୍ୟକ୍ଷଦର୍ଶୀ ଧାରାବିବରଣୀ ପ୍ରସାରଣ କରିବ ଆକାଶବାଣୀ ।

# ଭୋଟ ଗଣତି

ଦେଶରେ ଆଜି ଅଷ୍ଟାଦଶ ଲୋକସଭା ନିର୍ବାଚନର ଭୋଟ ଗଣତି ସକାଳ ୮ଟାରେ ଆରମ୍ଭ ହେବ । ଏହାଛଡ଼ା ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ବିଧାନସଭା ନିର୍ବାଚନ ଏବଂ ଅନ୍ୟ କେତେକ ରାଜ୍ୟର ଉପନିର୍ବାଚନର ଭୋଟ ଗଣତି ମଧ୍ୟ ଏକ ସମୟରେ କରାଯିବ । ଲୋକସଭାର ୫୪୩ଟି ଆସନ, ଆନ୍ଧ୍ରପ୍ରଦେଶର ୧୭୫ଟି ବିଧାନସଭା ଆସନ, ଓଡ଼ିଶାର ୧୪୭ଟି ବିଧାନସଭା ଆସନ ଏବଂ ୨୫ଟି ବିଧାନସଭା ଆସନରେ ହୋଇଥିବା ଉପନିର୍ବାଚନର ଭୋଟ୍ ଗଣତି କରାଯିବ । ନିର୍ବାଚନ ଆୟୋଗଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗଣତିର ଧାରା ଏବଂ ଫଳାଫଳ ଆୟୋଗଙ୍କ ୱେବ୍‌ସାଇଟ୍‌ରେ ଅପ୍‌ଡେଟ୍ କରାଯିବ । ଜନସାଧାରଣ ଭୋଟର୍ ହେଲ୍ପ ଲାଇନ୍ ଆପ୍ ସମେତ **results.eci.gov.in** ୱେବ୍‌ସାଇଟ୍ ଜରିଆରେ ପ୍ରତ୍ୟେକ ମୁହୂର୍ତ୍ତର ଭୋଟ ଗଣତି ସମ୍ପର୍କିତ ଖବର ପାଇପାରିବେ ।

ହରିଆନା ପୁଲିସ୍ ଲୋକସଭା ନିର୍ବାଚନ ମତଗଣନା ନେଇ ସୁରକ୍ଷା ବ୍ୟବସ୍ଥା ଦୃଢ଼ କରିଛି । ରାଜ୍ୟର ୯୧ଟି ମତଗଣନା କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ୧୦ ହଜାରରୁ ଅଧିକ ପୁଲିସ୍ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ପୁଲିସ୍ ମହାନିର୍ଦ୍ଦେଶକ ଶତ୍ରୁଜିତ କାପୁର କହିଛନ୍ତି, ପ୍ରତ୍ୟେକ ମତଗଣନା କେନ୍ଦ୍ରରେ ପୁଲିସ୍ କର୍ମୀଙ୍କ ସମେତ କେନ୍ଦ୍ରୀୟ ସଶସ୍ତ୍ର ସୁରକ୍ଷା ବଳର ୧୫ଟି କମ୍ପାନୀ ମୁତୟନ କରାଯାଇଛି ।

ପ୍ରତ୍ୟେକ ମତଗଣନା କେନ୍ଦ୍ରର ୧୦୦ ମିଟର ମଧ୍ୟରେ ସୁରକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି ।

ରାଜସ୍ଥାନରେ ୨୫ଟି ଆସନର ମତଗଣନା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଲୋକସଭା ଆସନ ସମେତ ସେଠାରେ ବାଗିଦୋରା ବିଧାନସଭା ଉପନିର୍ବାଚନ ପାଇଁ ଆଜି ସକାଳ ୮ଟାରୁ ମତଗଣନା ଆରମ୍ଭ ହେବ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରବୀଣ ଗୁପ୍ତା କହିଛନ୍ତି, ମତଗଣନା ପାଇଁ ୧୩ ହଜାରରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଏଥିଲାଗି ୫୬ ଜଣ ଅବଜରଭର୍‌ଙ୍କୁ ନିଯୁକ୍ତ କରାଯାଇଛି ।

ବିହାରର ୪୦ଟି ଲୋକସଭା ଆସନ ନିମନ୍ତେ ଆଜି ହେବାକୁ ଥିବା ମତଗଣନା ଲାଗି ସମସ୍ତ ବ୍ୟବସ୍ଥା ଚୂଡ଼ାନ୍ତ ହୋଇଛି । ଏଥିରେ ୩୯ ଜଣ ମହିଳାଙ୍କ ସମେତ ୪୯୭ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ ହେବ । ଏହାଛଡ଼ା ସେଠାକାର ବିଧାନସଭା ଉପନିର୍ବାଚନର ମଧ୍ୟ ଆଜି ଭୋଟଗଣତି ହେବ । ସୂଚନା ଅନୁଯାୟୀ ମତଗଣନା ପ୍ରକ୍ରିୟା ସୁରୁଖୁରୁରେ କରିବା ଲାଗି ୮୦ ଜଣ ପର୍ଯ୍ୟବେକ୍ଷଙ୍କୁ ନିଯୁକ୍ତ କରାଯାଇଛି ।

କେରଳରେ ୨୦ଟି ଲୋକସଭା ଆସନ ପାଇଁ ଆଜି ସକାଳ ୮ଟାରୁ ମତଗଣନା ଆରମ୍ଭ ହେବ । ଏହି ମତଗଣନାରେ ୧୯୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ । ସୁରକ୍ଷିତ ମତଗଣନା ଲାଗି ସେଠାକାର ନିର୍ବାଚନ ଅଧିକାରୀ ସମସ୍ତ ବ୍ୟବସ୍ଥା କରିଥିବା ଜଣାପଡ଼ିଛି ।

ତାମିଲନାଡୁରେ ୩୯ଟି ଲୋକସଭା ଆସନ ଲାଗି ୨୩୪ଟି ଟେବୁଲ୍‌ରେ ମତଗଣନା କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସତ୍ୟବ୍ରତ ସାହୁ କହିଛନ୍ତି । ସକାଳ ୮ଟାରେ ପ୍ରଥମେ ପୋଷ୍ଟାଲ ବାଲାଟ୍ ଗଣନା କରାଯିବା ପରେ ୮ଟା ୩୦ ମିନିଟ୍‌ରେ ଇ.ଭି.ଏମ୍. ମତଗଣନା ଆରମ୍ଭ ହେବ ।

ଆନ୍ଧ୍ରପ୍ରଦେଶ ବିଧାନସଭାର ୧୭୫ଟି ଆସନ ସମେତ ୨୫ଟି ଲୋକସଭା ନିର୍ବାଚନର ମତଗଣନା ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି ।

ମଣିପୁରରେ ୨୪ଟି ଭୋଟ ଗଣତି କେନ୍ଦ୍ରରେ ସମସ୍ତ ଲୋକସଭା ଆସନ ଲାଗି ମତଗଣନା ହେବ । ମତଗଣନା ସମୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ଲାଗି ସେଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ସୂଚନା ମିଳିଛି ।

ତେଲଙ୍ଗାନାରେ ସମସ୍ତ ୧୭ଟି ଆସନ ପାଇଁ ୩୪ଟି ସ୍ଥାନରେ ମତଗଣନା ହେବ । ଇ.ଭି.ଏମ୍. ଏବଂ ପୋଷ୍ଟାଲ୍ ବାଲାଟ୍ ଗଣିବା ପାଇଁ ୧୩୯ଟି ମତଗଣନା ଟେବୁଲ୍ ପ୍ରସ୍ତୁତ କରାଯାଇଛି । ସକାଳ ୮ଟା ବେଳେ ଆରମ୍ଭ ହେବାକୁ ଥିବା ଏହି ମତଗଣନା ଲାଗି ୧୦ହଜାରରୁ ଅଧିକ କର୍ମଚାରୀଙ୍କୁ ମୁତୟନ କରାଯାଇଛି । ମତଗଣନା କେନ୍ଦ୍ର ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଲାଗି ୧୨ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରାଯାଇଥିବା ସୂଚନା ମିଳିଛି ।

# ଓଡ଼ିଶା-ବିଧାନସଭା

ଓଡ଼ିଶାରେ ୨୧ଟି ଲୋକସଭା ଏବଂ ୧୪୭ଟି ବିଧାନସଭା ଆସନ ଭୋଟ ଗଣନା ଲାଗି ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ନିର୍ବାଚନ ଆୟୋଗଙ୍କ ସୂଚନା ଅନୁଯାୟୀ ରାଜ୍ୟର ସମସ୍ତ ମତଗଣନା କେନ୍ଦ୍ରରେ ସୁରକ୍ଷିତ ଏବଂ ଶାନ୍ତିପୂର୍ଣ୍ଣ ଭାବେ ଭୋଟ ଗଣତି ନେଇ ପଦକ୍ଷେପ ଗ୍ରହଣ କରାଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଅଣସ୍ତରୀଟି ଷ୍ଟ୍ରଙ୍ଗ୍‌ରୁମ୍‌ରେ ଇ.ଭି.ଏମ୍. ଏବଂ ଭି.ଭି. ପାଟ୍ ମେସିନ୍ ଗୁଡ଼ିକ ତ୍ରିସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି । ସେହିସବୁ ସ୍ଥାନର ସି.ସି. ଟିଭି ସମେତ ୨୫ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷାବଳ ମୁତୟନ କରାଯାଇଛି ।

# ଆକାଶବାଣୀ ମତଗଣନା

ଆକାଶବାଣୀ ସମାଚାର ବିଭାଗ ପକ୍ଷରୁ ଲୋକସଭା ଏବଂ ବିଧାନସଭା ଭୋଟ୍ ଗଣତିର ଫଳାଫଳ ସମ୍ପର୍କିତ ସୂଚନା ଦେବା ଲାଗି ବ୍ୟାପକ ବ୍ୟବସ୍ଥା କରାଯାଇଛି । ଏ ନେଇ ଉଭୟ ହିନ୍ଦୀ ଏବଂ ଇଂରାଜୀରେ ଲୋକ ନିର୍ଣ୍ଣୟ ୨୦୨୪ କାର୍ଯ୍ୟକ୍ରମ ସକାଳ ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପ୍ରସାରିତ ହେବ । ଏଥିରେ ସାରା ଦେଶରେ ଥିବା ଆକାଶବାଣୀ ସମାଚାରର ସମ୍ବାଦଦାତା ତଥ୍ୟ ପରିବେଷଣ କରିବେ । ଏହି

କାର୍ଯ୍ୟକ୍ରମରେ ପ୍ରତ୍ୟେକ ସମୟରେ ଆସୁଥିବା ଫଳାଫଳ ଗୁଡ଼ିକର ବିଶ୍ଳେଷଣ ବିଭିନ୍ନ ବିଶେଷଜ୍ଞ ଏବଂ ରାଜନୈତିକ ଦଳ ଗୁଡ଼ିକର ନେତାମାନେ କରିବେ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଗୋଲ୍ଡ ସମେତ ଅନ୍ୟ ସମସ୍ତ ଚ୍ୟାନେଲ୍ ଏବଂ ଡିଜିଟାଲ୍ ପ୍ଲାଟଫର୍ମରେ ପ୍ରସାରିତ ହେବ । ସେହିପରି ଆକାଶବାଣୀର ଆଞ୍ଚଳିକ ସମାଚାର ବିଭାଗ ଗୁଡ଼ିକ ଭୋଟ ଗଣତି ସମ୍ପର୍କରେ ବିଶେଷ କାର୍ଯ୍ୟକ୍ରମ ପ୍ରସାରଣ କରିବେ । ପ୍ରସାର ଭାରତୀ ଅଧ୍ୟକ୍ଷ ନବନୀତ କୁମାର ସେହେଗଲ ନୂଆଦିଲ୍ଲୀରେ କହିଛନ୍ତି, ଆକାଶବାଣୀର ମୁଖ୍ୟ କାର୍ଯ୍ୟାଳୟରେ ଏକ ବଡ଼ ଡିସ୍‌ପ୍ଲେ ବୋର୍ଡ୍ ମାଧ୍ୟମରେ ଭୋଟ୍ ଗଣତିର ଟିକିନିଖି ଖବର ପ୍ରଦର୍ଶିତ ହେବ । ଆଜି ଦୂରଦର୍ଶନ ମଧ୍ୟ ଭୋଟ୍ ଗଣତି ସମ୍ପର୍କିତ ସମ୍ବାଦ ପରିବେଷଣ ପାଇଁ ସ୍ୱତନ୍ତ୍ର ଯୋଜନା କରିଛି ।  ପ୍ରସାର ଭାରତୀର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଗୌରବ ଦ୍ୱିବେଦୀ କହିଛନ୍ତି, ସକାଳ ୬ଟା ଠାରୁ ଡି.ଡି. ନ୍ୟୁଜ୍ ଚ୍ୟାନେଲ୍‌ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ପ୍ରସାରଣ ଆରମ୍ଭ ହୋଇଛି ।

## କୋଲ ପ୍ରଡକସନ୍

ଭାରତର କୋଇଲା ଉତ୍ପାଦନ ଗତ ମାସରେ ୮ କୋଟି ୪୦ଲକ୍ଷ ଟନ୍‌ରେ ପହଞ୍ଚିଛି । ଗତ ବର୍ଷ ଏହି ସମୟ ତୁଳନାରେ ଏହା ୧୦ ପ୍ରତିଶତ ଅଧିକା ରହିଥିବା ଜଣାପଡ଼ିଛି । ଗତବର୍ଷ  ମେ ମାସରେ ଦେଶର

କୋଇଲା ଉତ୍ପାଦନ ୭ କୋଟି ୬୦ଲକ୍ଷ ଟନ୍‌ରୁ ଅଧିକ ରହିଥିଲା । କୋଇଲା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଗତ ମେ ମାସରେ ୮ କୋଟି ୪୦ଲକ୍ଷ ଟନ୍‌ରୁ ଅଧିକ ପରିମାଣର କୋଇଲା ଉତ୍ପାଦନ ହୋଇଛି, ଯାହା ପୂର୍ବ ବର୍ଷ ସେହି ସମୟ ତୁଳନାରେ ୭ ଦଶମିକ୍ ୪/୬ ପ୍ରତିଶତ ଅଧିକ । ଏହାଛଡ଼ା ଅନ୍ୟ କମ୍ପାନୀ ଗୁଡ଼ିକ ପକ୍ଷରୁ ସେହି ସମୟ ମଧ୍ୟରେ ୧ କୋଟି ୩୭ଲକ୍ଷ ୮୦ ହଜାର ଟନ୍ କୋଇଲା ଉତ୍ପାଦନ ହୋଇଛି, ଯାହା ଗତ ବର୍ଷ ତୁଳନାରେ ୩୨ ଦଶମିକ୍ ୭/୬ ପ୍ରତିଶତ ଅଧିକ ।

## ଆସାମ ବନ୍ୟା

ଆସାମରେ ବନ୍ୟା ପରିସ୍ଥିତି ଉଦ୍‌ବେଗଜନକ ରହିଛି । ଏହି ବନ୍ୟାରେ ରାଜ୍ୟର ୧୦ଟି ଜିଲ୍ଲାର ୬ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ରାଜ୍ୟ ସରକାର ବନ୍ୟା ପ୍ରଭାବିତ ଜିଲ୍ଲା ଗୁଡ଼ିକରେ ୧୯୧ଟି ଆଶ୍ରୟସ୍ଥଳୀ ସମେତ ୧୦୮ଟି ଖାଦ୍ୟ ବିତରଣ କେନ୍ଦ୍ର ସ୍ଥାପନ କରିଛନ୍ତି ।

ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ଏନ୍.ଡି.ଆର୍.ଏଫ୍. ଏବଂ ଏସ୍.ଡି.ଆର୍.ଏଫ୍.କୁ ମୁତୟନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ବନ୍ୟାରେ ୪ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଏହାକୁ ମିଶାଇ ରାଜ୍ୟରେ ବନ୍ୟା ଜନିତ ମୃତ୍ୟୁ ସଂଖ୍ୟା ୧୮କୁ ବୃଦ୍ଧି ପାଇଛି ।

ସୂଚନା ଅନୁଯାୟୀ ସାରା ରାଜ୍ୟର ୫୭୭ଟି ଗାଁ ଏହି ବନ୍ୟାରେ ପ୍ରଭାବିତ ହୋଇଛି ଏବଂ ୬ହଜାର ହେକ୍ଟରରୁ ଅଧିକ ଚାଷ ଜମି ଜଳମଗ୍ନ ହୋଇଛି । ବିଭିନ୍ନ ଜିଲ୍ଲାରେ ସଡ଼କ, ନଦୀବନ୍ଧ ଆଦି ନଷ୍ଟ ହୋଇଥିବା ଖବର ମିଳିଛି । କେତେକ ସ୍ଥାନରେ ରେଳ ଲାଇନ୍ ନଷ୍ଟ ହୋଇଯାଇଥିବାରୁ ଆସନ୍ତାକାଲି ପର୍ଯ୍ୟନ୍ତ ଟ୍ରେନ୍ ଚଳାଚଳକୁ ବାତିଲ କରାଯାଇଛି ।

## କାର୍ଗିଲ୍-ରଜତ ଜୟନ୍ତୀ

ଲଦାଖରେ ସେନା ପକ୍ଷରୁ ଆୟୋଜିତ ଗ୍ରୀଷ୍ମକାଳୀନ ଉତ୍ସବ ଶେଷ ହୋଇଛି । ସପ୍ତାହେ ବ୍ୟାପି ଚାଲିଥିବା ଅପରେସନ୍ ସଦ୍‌ଭାବନା ଉତ୍ସବର ଉଦ୍ଦେଶ୍ୟ ଥିଲା ସ୍ଥାନୀୟ ପ୍ରତିଭା ଏବଂ କ୍ରୀଡ଼ାର ବିକାଶ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା । ଏହାଛଡ଼ା କାର୍ଗିଲ୍ ବିଜୟ ଦିବସର ରଜତ ଜୟନ୍ତୀ ଅବସରରେ ଦ୍ରାସ୍ ଅଞ୍ଚଳର ସମୃଦ୍ଧ ସାଂସ୍କୃତିକ ନିଦର୍ଶନ ପ୍ରଦର୍ଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକମାନେ ବହୁ ସଂଖ୍ୟାରେ ଭାଗ ନେଇ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ ।

# ଆକାଶବାଣୀ-ଟି-ଟ୍ୱେଣ୍ଟି ବିଶ୍ୱକପ୍

ଆମେରିକା ଏବଂ ୱେଷ୍ଟଇଣ୍ଡିଜ୍‌ରେ ଚାଲିଥିବା ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ର ପ୍ରତ୍ୟକ୍ଷଦର୍ଶୀ ଧାରା ବିବରଣୀ ଆକାଶବାଣୀ ପକ୍ଷରୁ ପ୍ରସାରଣ କରାଯିବ । ଏଥିରେ ଭାରତର ସମସ୍ତ ମ୍ୟାଚ୍, ସେମିଫାଇନାଲ୍ ଏବଂ ଫାଇନାଲ୍ ମ୍ୟାଚ୍‌ର ଧାରାବିବରଣୀ ଆକାଶବାଣୀ ପ୍ରସାରଣ କରିବ । ଏଥିରେ ଆକାଶବାଣୀ ପକ୍ଷରୁ ଧାରାବିବରଣୀ ସମେତ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ, ମଝିରେ ଏବଂ ମ୍ୟାଚ୍ ଶେଷରେ ଇଂରାଜୀ ଏବଂ ହିନ୍ଦୀରେ ବିଶେଷ କାର୍ଯ୍ୟକ୍ରମ ପ୍ରସାରଣ କରାଯିବ ।

ଡି.ଡି. ସ୍ପୋର୍ଟସ୍ ଚ୍ୟାନେଲ୍ ମାଧ୍ୟମରେ ଭାରତର ସବୁ ମ୍ୟାଚ୍, ସେମିଫାଇନାଲ୍ ଓ ଫାଇନାଲ୍ ମ୍ୟାଚ୍ ପ୍ରସାରିତ ହେବ । ସୂଚନା ଏବଂ ପ୍ରସାରଣ ସଚିବ ସଞ୍ଜୟ ଜାଜୁ ଏବଂ ପ୍ରସାରଭାରତୀ ଅଧ୍ୟକ୍ଷ ନବନୀତ କୁମାର ସେହେଗଲ ଏ ନେଇ ନୂଆଦିଲ୍ଲୀରେ ଏକ ପ୍ରମୋ ଜାରି କରିଛନ୍ତି ।

# ବ୍ୟାଡ୍‌ମିଣ୍ଟନ

ସିଙ୍ଗାପୁର ଓପନ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଆଜି ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ଖେଳାଳିମାନେ ପ୍ରଦର୍ଶନ କରିବେ । ଇଣ୍ଡୋନେସିଆର ରାଜଧାନୀ ଜକାର୍ତ୍ତା ଠାରେ ଚାଲିଥିବା ଏହି ପ୍ରତିଯୋଗିତାରେ ଭାରତର ଲକ୍ଷ୍ୟ ସେନ, ଏଚ୍.ଏସ୍. ପ୍ରଣୟ, କିଦାମ୍ବୀ ଶ୍ରୀକାନ୍ତ, ପ୍ରିୟାଂଶୁ ରାଜାୱତ୍ ଏବଂ କୀରଣ ଜର୍ଜ୍ ପୁରୁଷ ସିଙ୍ଗଲ୍ସରେ ଭାଗ ନେବେ । ସେହିପରି ଆଜି ମଧ୍ୟ ଡବଲ୍ସ ମ୍ୟାଚ୍‌ରେ ଭାରତୀୟ ଖେଳାଳି ପ୍ରଦର୍ଶନ କରିବେ ।